**ଶ୍ରୀରାମ ଡିଗ୍ରୀ କଲେଜ କ୍ଲାସ୍‌ରୁମ ଉଦ୍‌ଘାଟିତ**

କାଶୀନଗର,(ଡି.ଏନ.ଏ.)-କାଶୀନଗର ଶ୍ରୀରାମ ଡିଗ୍ରୀ କଲେଜର ନୂତନ ଭାବେ ନିର୍ମିତ କ୍ଲାସ ରୁମ ବ୍ରହ୍ମପୁର ଏମ୍‌ପି ଚନ୍ଦ୍ରଶେଖର ସାହୁଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି। ଉକ୍ତ ନୂତନ କୋଠା ସରକାରଙ୍କ ୧୦ ଲକ୍ଷ ଟଙ୍କା ଅନୁଦାନ ଓ ଏମ୍‌ପି ପାଣ୍ଠିରୁ ୫ ଲକ୍ଷ ଟଙ୍କା ଅନୁଦାନରେ ନିର୍ମାଣ କରାଯାଇଛି। କଲେଜ ପରିଚାଳନା ପରିଷଦ ଅଧ୍ୟକ୍ଷ ସବ୍‌କଲେକ୍ଟର ଦିଲୀପ ମହାରଣାଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଘାଟନୀ ସଭାରେ କଲେଜ ଅଧ୍ୟକ୍ଷ ଡ. ପ୍ରଶାନ୍ତ କୁମାର ବାନାପଲି ବିବରଣୀ ପଠନ ସହ ସ୍ୱାଗତ ଭାଷଣ ଦେଇଥିଲେ। ଜୁନିୟର କଲେଜ ଅଧ୍ୟକ୍ଷ ନବକୃଷ୍ଣ ସାହୁକାର, ପ୍ରଫେସର ମାରୁତ ପାଲ ପ୍ରମୁଖ ମଞ୍ଚାସୀନ ଥିଲେ। ଦେବକାନ୍ତ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। କଲେଜର ଅଧ୍ୟାପିକା, ଅଧ୍ୟାପକ ଓ ଛାତ୍ରୀଛାତ୍ରମାନେ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ବୁଲିଲା ପୋଷ୍ୟ ସନ୍ତାନ ଗ୍ରହଣ ସଚେତନତା ରଥ

**ଛତ୍ରପୁର,୨୩।୧୧(ଡି.ଏନ.ଏ.):** ରାଜ୍ୟ ଶିଶୁ ସୁରକ୍ଷା ସମିତି, ମହିଳା ଶିଶୁ ବିକାଶ, ମିଶନ ଶକ୍ତି ବିଭାଗ ପକ୍ଷରୁ ପୋଷ୍ୟସନ୍ତାନ ସପ୍ତାହ ପାଳନ କରାଯାଉଛି। ଏହି ପରିପ୍ରେକ୍ଷୀରେ ଗଞ୍ଜାମ ଜିଲା ପ୍ରଶାସନ ପକ୍ଷରୁ ମଙ୍ଗଳବାର ଏକ ସଚେତନତା ରଥକୁ ଜିଲାପାଳ ବିଜୟ ଅମୃତ କୁଲାଙ୍ଗେ ଶୁଭାରମ୍ଭ କରିଛନ୍ତି । ଏହି ରଥ ଆସନ୍ତା ୩୦ ତାରିଖ ପର୍ଯ୍ୟନ୍ତ ସମଗ୍ର ଜିଲା ବୁଲି ପୋଷ୍ୟ ସନ୍ତାନ ଗ୍ରହଣ ପାଇଁ ଲୋକଙ୍କୁ ସଚେତନ କରିବ। ଦିନକୁ ଏହି ରଥ ୩ଟି ବ୍ଲକ ବୁଲିବା କାର୍ଯ୍ୟକ୍ରମ ରହିଛି। ରଥ ଶୁଭାରମ୍ଭ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ(ସାଧାରଣ )ଲୀନା କୁମାରୀ ଖେସ, ଜିଲା ସମାଜ ମଙ୍ଗଳ ଅଧିକାରୀ ସୁରେଖା ସୁନ୍ଦରୀ ମଲ୍ଲିକ, ଅତିରିକ୍ତ ଜିଲା ସମାଜ ମଙ୍ଗଳ ଅଧିକାରୀ ସାଧନ ଚନ୍ଦ୍ର ଦାଶ, ଜିଲା ମଙ୍ଗଳ ଅଧିକାରୀ ପରୀକ୍ଷିତ ଦାସ, ଜିଲା ମୁଖ୍ୟ ଯୋଗାଣ ଅଧିକାରୀ ପୁଷ୍ପା ମୁଣ୍ଡା, ଜିଲା ଶିଶୁ ସୁରକ୍ଷା ଅଧିକାରୀ ସୁବୋଧ କୁମାର ଷଡଙ୍ଗୀ, ଛତ୍ରପୁର ସିଡିପିଓ କ୍ରିଷ୍ଣା କୁମାରୀ ନନ୍ଦ, ଆକ୍ସନ-ଏଡର ଜିଲା ସଂଯୋଜକ ଦେବବ୍ରତ ମାହୁନ୍ତ ପ୍ରମୁଖ ଉପସ୍ଥିତ ଥିଲେ ।

### ବିଜେଡିର ଗ୍ୟାସ୍ ରାଜନୀତିକୁ କଟାକ୍ଷ କଲା ଭାଜପା

**ବ୍ରହ୍ମପୁର ଅଫିସ,୨୩।୧୧:** ରନ୍ଧନ ଗ୍ୟାସ ସିଲିଣ୍ଡର ମୂଲ୍ୟବୃଦ୍ଧି ପ୍ରତିବାଦରେ ବିଜେଡିର ଛାମୁଆ ସଂଗଠନ ମହିଳା, ଯୁବ ଓ ଛାତ୍ରଙ୍କ ପକ୍ଷରୁ ସମଗ୍ର ଦକ୍ଷିଣ ଓଡ଼ିଶାରେ ବୁଧବାର ଆନ୍ଦୋଳନ କରାଯିବାର ପ୍ରସ୍ତୁତି ହୋଇଛି। ବ୍ରହ୍ମପୁର ମହାନଗରସ୍ଥ ଆରଡିସିଙ୍କ ଅଫିସ ଆଗରେ ଗଣଧାରଣା ଦିଆଯିବାର କାର୍ଯ୍ୟକ୍ରମ ରହିଛି। ଏହି ଆନ୍ଦୋଳନ କେନ୍ଦ୍ର ସରକାର ବିରୋଧରେ ହେବ ଏବଂ ଡିଜେଲ, ପେଟ୍ରୋଲ ଓ ଗ୍ୟାସ ଦର କମାଇବା ଦାବି କରାଯିବ। ଏହାର ଗଞ୍ଜାମ ଜିଲା ଭାଜପା ଜବାବ ରଖିଛି। ବିଜେଡି ସରକାରଙ୍କ ଯଦି ଦରଦ ଅଛି ତେବେ ରାଜ୍ୟ ନେଉଥିବା ଟିକସ ଛାଡ଼ କରିବାକୁ ଦାବି କରିଛି। ଫଳରେ ବର୍ଦ୍ଧିତ ମୂଲ୍ୟ ଯଥେଷ୍ଟ କମିଯିବାର କୁହାଯାଇଛି। ଜିଲା ଭାଜପା ସଭାପତି ବିଭୂତି ଭୂଷଣ ଜେନା ମଙ୍ଗଳବାର କହିବାନୁସାରେ ପ୍ରତି ସିଲିଣ୍ଡର ଦାମ୍ ମଙ୍ଗଳବାର ସୁଦ୍ଧା ୯୪୭ ଟଙ୍କା ଅଛି। ରାଜ୍ୟ ସରକାର ଭାଟ ବାବଦରେ ୨୨% ଟିକସ ନେଉଛନ୍ତି। ଛାଡ଼ କରାଗଲେ ୨୦୮ ଟଙ୍କା ୩୪ ପଇସା ହ୍ରାସ ପାଇବାର ହିସାବ କରାଯାଇଛି। ରାଜ୍ୟ ପ୍ରଥମେ ଛାଡ଼ କରି କେନ୍ଦ୍ରକୁ ଚ୍ୟାଲେଞ୍ଜ କଲେ ଶୋଭା ପାଇବ ବୋଲି ସେ ସୂଚାଇଛନ୍ତି।

### ନୂତନ ତହସିଲଦାରଙ୍କ ଦାୟିତ୍ୱ ଗ୍ରହଣ

**ଆର.ଉଦୟଗିରି,୨୩।୧୧(ଡି.ଏନ.ଏ.):** ମୋହନା ତହସିଲଦାର ଭାବେ କିଶୋର ଚନ୍ଦ୍ର ଦାସ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏଠାରେ କାର୍ଯ୍ୟରତ ଥିବା ତହସିଲଦାର ଶାରଦା ପ୍ରସନ୍ନ ପଣ୍ଡା ଗଞ୍ଜାମ ଜିଲା ଛତ୍ରପୁରକୁ ବିଡିଓ ଭାବେ ବଦଳି ହୋଇଛନ୍ତି। ଗୋଷାଣୀ ବ୍ଲକରେ ବିଡିଓ ଥିବା କିଶୋର ଚନ୍ଦ୍ର ଦାଶ ନୂତନ ତହସିଲଦାର ଭାବେ ମୋହନାରେ କାର୍ଯ୍ୟଭାର ଗ୍ରହଣ କରିଛନ୍ତି।

### ୨୦୨ ଲିଟର ମଦ ଜବତ, ୪ ଗିରଫ

**ଖଲ୍ଲିକୋଟ,୨୩।୧୧(ଡି.ଏନ.ଏ.):** ଖଲ୍ଲିକୋଟ ଅବକାରୀ ବିଭାଗ ପକ୍ଷରୁ ମଙ୍ଗଳବାର ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ୨୦୨ ଲିଟର ଚୋରା ଦେଶୀ ମଦ ସହ ଏକ ଅଟୋ ଜବତ କରାଯାଇଛି। ଏଥିରେ ସମ୍ପୃକ୍ତ ଥିବା ୪ ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ନୂତନ ବ୍ରହ୍ମପୁର ଗ୍ରାମର ତ୍ରିନାଥ ପ୍ରଧାନ, ଗୋପକୁଦା ଗ୍ରାମର ଧ୍ରୁବ ଚରଣ ସେଠୀ, ତୁଳସୀପୁର ଗ୍ରାମର ଦଣ୍ଡପାଣି ବିଶ୍ୱାଳ, ଭରସା ଗ୍ରାମର ଚନ୍ଦନ ସ୍ୱାଇଁ। ଖଲ୍ଲିକୋଟ ଅବକାରୀ ଅଧିକାରୀ ଅଜିତ କୁମାର ପାତ୍ର, ଏଏସ୍ଆଇ ଜି.କାମେଶ୍ୱର, ଛତ୍ରପୁର ମୋବାଇଲ ସ୍କ୍ୱାର୍ଡର ଏଏସଆଇ କୁମୁଦ ଚନ୍ଦ୍ର ନାୟକ, ରବୀନ୍ଦ୍ର ବିଶ୍ୱାଳ ପ୍ରମୁଖ ସାମିଲ ଥିଲେ।

### ସ୍ମାର୍ଟ ହେଲ୍‌ଥ କାର୍ଡ ବଣ୍ଟନ

**ଖଜୁରିପଡ଼ା/ବଲସକୁମ୍ପା, ୨୩।୧୧ (ଡି.ଏନ.ଏ.):** କନ୍ଧମାଳ ଜିଲାରେ ଗତ ସୋମବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଅନ୍ତର୍ଗତ ସ୍ମାର୍ଟ ହେଲ୍‌ଥ କାର୍ଡ ବଣ୍ଟନ ଆରମ୍ଭ କରିଛନ୍ତି। ଏହି କ୍ରମରେ ଖଜୁରିପଡ଼ା ବ୍ଲକରେ ମଧ ଏହି ସ୍ମାର୍ଟ ହେଲ୍‌ଥ କାର୍ଡ଼ ବଣ୍ଟାଯାଇଛି। ଏଥିପାଇଁ ବ୍ଲକସ୍ଥିତ ହାଇସ୍କୁଲଠାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ବ୍ଲକ ଅଧକ୍ଷ ବୀରେନ୍ଦ୍ର କହଁର, ଉପାଧକ୍ଷ ସୌଦାମିନୀ କହଁର, ଜିଲା ପରିଷଦ ସଭ୍ୟା ଅନୁରାଧା ସାହୁ, ସରପଞ୍ଚ ମିତା ମଲ୍ଲିକ, ସମିତିସଭ୍ୟ ଗୀତାଞ୍ଜଳି ସାହୁ ସମେତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ରବୀନ୍ଦ୍ରନାଥ କହଁର ଏବଂ ଲ୍ୟାମ୍ପସେସ୍ ଶାଖା ପରିଚାଳକ କୃପାସିନ୍ଧୁ ସାହୁ ୨,୭୬୧ ହିତାଧିକାରୀଙ୍କୁ ସ୍ମାର୍ଟ ହେଲ୍‌ଥ କାର୍ଡ ବଣ୍ଟନ କରିଛନ୍ତି ।

# ୨୪ ଘଣ୍ଟା ପରେ ବି ପତ୍ତା ମିଳୁନି

## ବାଳ ସୁଧାର ଗୃହରୁ ୬ ଅନ୍ତେବାସୀ ଚମ୍ପଟ ଘଟଣା

ବ୍ରହ୍ମପୁର ଅଫିସ,୨୩।୧୧

ବ୍ରହ୍ମପୁର ଜରଡ଼ା ବଙ୍ଗଳା ରାସ୍ତାରେ ଥିବା ପର୍ଯ୍ୟବେକ୍ଷଣ ଆବାସ ଓ ସ୍ୱତନ୍ତ୍ର ଆବାସ (ବାଳକ)ରୁ ଅନ୍ତେବାସୀ ଚମ୍ପଟ ଘଟଣାକୁ ୨୪ଘଣ୍ଟାରୁ ଅଧିକ ସମୟ ବିତିଛି। କିନ୍ତୁ ବର୍ତ୍ତମାନ ସୁଦ୍ଧା ଜଣେ ହେଲେ ବି ଅନ୍ତେବାସୀଙ୍କୁ ଠାବ କରାଯାଇ ପାରିନାହିଁ। ପୋଲିସ ଅନ୍ତେବାସୀଙ୍କ ଘର ଠିକଣା ବାହାର କରି ପରିବାରବର୍ଗଙ୍କ ସହିତ ଯୋଗାଯୋଗରେ ରହିଛି। ସେହିପରି ସ୍ଥାନୀୟ ଥାନାକୁ ମଧ ଅବଗତ କରାଯାଇଛି। ଅନ୍ୟପଟେ ପୋଲିସ ବ୍ରହ୍ମପୁର ସହରର ବିଭିନ୍ନ ରାସ୍ତାରେ ଲାଗିଥିବା ସିସି କ୍ୟାମେରା ଫୁଟେଜ୍ ଯାଞ୍ଚ କରୁଛି। ହେଲେ ଅଦ୍ୟାବଧି ଅନ୍ତେବାସୀଙ୍କ ସମ୍ପର୍କରେ କୌଣସି ସୁରାକ୍ ମିଳି ନ ଥିବା ପୋଲିସ କହିଛି। ଗତ ୨୧ତାରିଖ ରାତିରେ ବାଳ ସୁଧାର ଗୃହର ଏକ ନିର୍ଦ୍ଦିଷ୍ଟ ୱାର୍ଡରେ ଥିବା ୬ଜଣ ଅନ୍ତେବାସୀ ଝରକା ଗ୍ରିଲ୍ ତାଡ଼ି ଚମ୍ପଟ ମାରିଥିଲେ। ରାତି ପ୍ରାୟ ସାଢ଼େ ୨ଟା ବେଳେ ସୁଧାର ଗୃହର କର୍ମଚାରୀମାନେ ଯାଞ୍ଚ କରୁଥିବା ବେଳେ ଅନ୍ତେବାସୀ ୱାର୍ଡ଼ରେ ନ ଥିବା ଦେଖିବାକୁ ପାଇଥିଲେ। ଏ ନେଇ ସୁଧାର ଗୃହ ଅଧୀକ୍ଷକ ପି. ରମେଶ ରାଓ ପୋଲିସକୁ ଖବର କରିଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା। ସେହିପରି ଜିଲା ଶିଶୁ ସୁରକ୍ଷା ଅଧିକାରୀ (ଡିସିପିଓ) ସୁବୋଧ ଷଡ଼ଙ୍ଗୀଙ୍କ ନେତୃତ୍ୱରେ ମଧ ଏକ ଟିମ୍ ଘଟଣାର ତଦନ୍ତ କରିଥିଲେ। କିଭଳି ଓ କେଉଁ ପରିସ୍ଥିତିରେ ଅନ୍ତେବାସୀମାନେ ଚମ୍ପଟ ମାରିଛନ୍ତି ସେ ନେଇ ତଦନ୍ତ କରାଯିବ ବୋଲି ଡିସିପିଓ କହିଥିଲେ। କିନ୍ତୁ ବର୍ତ୍ତମାନ ସୁଦ୍ଧା ଅନ୍ତେବାସୀଙ୍କ ପତ୍ତା ମିଳିନାହିଁ। ଚମ୍ପଟ ଅନ୍ତେବାସୀଙ୍କ ମଧ୍ୟରୁ ବ୍ରହ୍ମପୁରର ଜଣେ ଥିବା ବେଳେ ଚମାଖଣ୍ଡିର ଜଣେ ରହିଛନ୍ତି। ସେହିପରି କୋରାପୁଟ ଜିଲାର ୨ଜଣ, ଗଜପତିର ଜଣେ ଓ ପୁରୀର ଜଣେ ଅନ୍ତେବାସୀ ରହିଛନ୍ତି। ପୋଲିସ ସମସ୍ତଙ୍କ ପରିବାରବର୍ଗ ସହିତ ଯୋଗାଯୋଗରେ ରହିଥିବା ଜଣାପଡ଼ିଛି।

# ଏସ୍‌ପିଙ୍କୁ ତଦନ୍ତ ରିପୋର୍ଟ ଦେଲେ ଏସ୍‌ଡିପିଓ

## ବାଇକ୍ ଯାଞ୍ଚ ବେଳେ ଦୁର୍ଘଟଣା

ବ୍ରହ୍ମପୁର ଅଫିସ,୨୩।୧୧

ବ୍ରହ୍ମପୁର ଗୋଷାଣୀ ନୂଆଗାଁ ଥାନା ଅନ୍ତର୍ଗତ ଗୁଡ୍ସଶେଡ୍ ରୋଡ୍ ଓଭରବ୍ରିଜରେ ପୋଲିସ ବାଇକ୍ ଯାଞ୍ଚ କରୁଥିବା ବେଳେ ୩ଜଣ ବସିଯାଉଥିବା ଏକ ବାଇକ୍‌କୁ ଅଟକାଇଥିଲା। ବାଇକ୍ ଆରୋହୀମାନେ ଖସିଯିବାକୁ ଉଦ୍ୟମ କଲାବେଳେ ପଡିଯାଇ ଆହତ ହୋଇଥିଲେ। ସେପଟେ ବ୍ରହ୍ମପୁର ଏସ୍‌ପି ପିନାକ ମିଶ୍ର ଘଟଣାର ତଦନ୍ତ ପାଇଁ ଟାଉନ୍ ଏସ୍‌ଡିପିଓ ବିଷ୍ଣୁପ୍ରସାଦ ପତିଙ୍କୁ ଦାୟିତ୍ୱ ଦେଇଥିଲେ। ଏସ୍‌ଡିପିଓ ପତି ଘଟଣାର ତଦନ୍ତ କରି ଏସପିଙ୍କ ନିକଟରେ ମଙ୍ଗଳବାର ତାଙ୍କର ରିପୋର୍ଟ ଦାଖଲ କରିଛନ୍ତି। କିଭଳି ଓ କେଉଁ ପରିସ୍ଥିତିରେ ଏଭଳି ଘଟଣା ଘଟିଲା ଓ ଏଥିପାଇଁ କିଏ ଦାୟୀ ତାହା ରିପୋର୍ଟରେ ଉଲ୍ଲେଖ ରହିଛି। ଏସଡିପିଓ ଦାଖଲ କରିଥିବା ରିପୋର୍ଟକୁ ଭିତ୍ତି କରି ଏସପି ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ।


SUNDARAM HOME | ପଞ୍ଜୀକୃତ କାର୍ଯ୍ୟାଳୟ: ନଂ. ୨୧, ପାଟୁଲୋସ୍ ରୋଡ୍, ଚେନ୍ନାଇ- ୬୦୦ ୦୦୨ । କର୍ପୋରେଟ୍ କାର୍ଯ୍ୟାଳୟ: ସୁନ୍ଦରମ୍ ଟାୱାର୍ସ, ନଂ. ୪୬, ହ୍ୱାଇଟ୍‌ସ ରୋଡ୍, ଚେନ୍ନାଇ – ୬୦୦ ୦୧୪

ଶାଖା କାର୍ଯ୍ୟାଳୟ: ଏ/୧୦୮, ୧ମ ମହଲା, ବନଦେବ ଭବନ,
ଶହୀଦନଗର, ଖୋର୍ଦ୍ଧା ଜିଲ୍ଲା, ଭୁବନେଶ୍ୱର – ୭୫୧ ୦୦୭ । ଫୋନ୍: ୦୬୭୪ – ୨୫୪୪୬୭୭

**ଦଖଲ ନୋଟିସ**

**ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ନିୟମାବଳୀ, ୨୦୦୨ର ନିୟମ ୮ (୨)**

ଯେହେତୁ **ସୁନ୍ଦରମ୍ ହୋମ୍ ଫାଇନାନ୍ସ ଲିଃ**, ପୂର୍ବରୁ ସୁନ୍ଦରମ୍ ବିଏନ୍‌ପି ପରିବାସ ହୋମ୍ ଫାଇନାନ୍ସ ଲିଃର ପ୍ରାଧିକୃତ ଅଧିକାରୀ, ସିକ୍ୟୁରିଟାଇଜେଶନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ୍ ଆସେଟ୍‌ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଅଧିନିୟମ, ୨୦୦୨ ଅଧୀନରେ ତଥା ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ନିୟମାବଳୀ, ୨୦୦୨ର ଧାରା ୧୩(୨) ସହିତ ପଠନପୂର୍ବକ ନିୟମ ୩ ଅଧୀନରେ ପ୍ରଦତ୍ତ କ୍ଷମତାକୁ ପ୍ରୟୋଗ କରି ଋଣଗ୍ରହୀତା, ସହ-ଋଣଗ୍ରହୀତା ଓ ଜିପିଏଙ୍କୁ ନୋଟିସ ପ୍ରାପ୍ତି ତାରିଖରୁ ୬୦ ଦିନ ମଧ୍ୟରେ ନୋଟିସରେ ଦର୍ଶିତ ଅର୍ଥରାଶି ପରିଶୋଧ କରିବା ପାଇଁ ଏକ ଡିମାଣ୍ଡ ନୋଟିସ ଜାରି କରିଥିଲେ । ଋଣଗ୍ରହୀତା, ସହ-ଋଣଗ୍ରହୀତା ଓ ଜିପିଏ ସମ୍ପୂର୍ଣ୍ଣ ଅର୍ଥରାଶିକୁ ପରିଶୋଧ କରିବାରେ ବିଫଳ ହୋଇଥିବାରୁ, ଏତଦ୍ୱାରା ଋଣଗ୍ରହୀତା, ସହ-ଋଣଗ୍ରହୀତା, ଜାମିନଦାତା ଏବଂ ସର୍ବସାଧାରଣଙ୍କୁ ନୋଟିସ ଦିଆଯାଉଛି ଯେ ପ୍ରାଧିକୃତ ଅଧିକାରୀ କଥିତ ଅଧ୍ୟାଦେଶର ଧାରା ୧୩ (୪) ସହିତ ପଠନପୂର୍ବକ କଥିତ ନିୟମାବଳୀର ନିୟମ ୮ ଅଧୀନରେ ତାଙ୍କୁ ପ୍ରଦତ୍ତ କ୍ଷମତାକୁ ପ୍ରୟୋଗକରି ନିମ୍ନବର୍ଣ୍ଣିତ ସମ୍ପତ୍ତିକୁ ନିଜ ଦଖଲକୁ ନେଇଛନ୍ତି । ବନ୍ଧକ ପରିସମ୍ପତ୍ତିକୁ ମୁକୁଳାଇବା ପାଇଁ ଉପଲବ୍ଧ ସମୟ ସମ୍ପର୍କରେ ଅଧିନିୟମର ଧାରା ୧୩ର ଉପଧାରା (୮)ର ବ୍ୟବସ୍ଥାପନ ପ୍ରତି ଋଣଗ୍ରହୀତାଙ୍କ ଧ୍ୟାନ ଆକର୍ଷଣ କରାଯାଉଛି । ବିଶେଷକରି ଋଣଗ୍ରହୀତା, ସହ-ଋଣଗ୍ରହୀତା ଓ ଜିପିଏ ଏବଂ ସାଧାରଣ ଭାବେ ସର୍ବସାଧାରଣଙ୍କୁ ଏତଦ୍ୱାରା ସତର୍କ କରିଦିଆଯାଉଛି ଯେ, ସମ୍ପୃକ୍ତ ସମ୍ପତ୍ତି ସହିତ କୌଣସି କାରବାର କରିବେ ନାହିଁ ଏବଂ ସମ୍ପତ୍ତି ସହିତ କୌଣସି କାରବାର କରାଗଲେ **ସୁନ୍ଦରମ୍ ହୋମ୍ ଫାଇନାନ୍ସ ଲିଃ** ଦ୍ୱାରା ଚାର୍ଜ ଲାଗୁ କରାଯିବ ।

| କ୍ର. ସଂ. | ଫାଇଲ୍ ନଂ. | ଋଣଗ୍ରହୀତା, ସହ-ଋଣଗ୍ରହୀତା ଏବଂ ଜିପିଏଙ୍କ ନାମ ଓ ଠିକଣା | ଡିମାଣ୍ଡ ନୋଟିସ / ପ୍ରକାଶନ ତାରିଖ | ନୋଟିସ ପରିମାଣ | ଦଖଲ ତାରିଖ | ମୋଟ ବକେୟା |
|---|---|---|---|---|---|---|
| ୧ | ୬୭୨୦ ୦୦୦୨ | ଇନ୍ଦିରା ଦାସ (ଋଣଗ୍ରହୀତା), ଲେନ୍ ୩ ୧୪୨, ସ୍ଥାନ ଆଚାର୍ଯ୍ୟ ବିହାର, ଭୁବନେଶ୍ୱର, ଭୁବନେଶ୍ୱର-୭୫୧୦୧୩ **ସନ୍ତୋଷ କୁମାର ପାଢ଼ୀ (ଜିପିଏ)** | ୦୨ ସେପ୍ଟେମ୍ବର, ୨୦୧୯ | ଟ. ୪୩,୫୧,୮୮୭/- | ୨୦ ନଭେମ୍ବର, ୨୦୨୧ | ଟ. ୪୫,୯୦,୯୦୪/- |
| | **ସମ୍ପତ୍ତିର ଅନୁସୂଚୀ:** ମୌଜା ଅମ୍ବାପୁଆ, ବିବେକ ବିହାର ବିଡିଏ ହାଉସିଂ ପ୍ରୋଜେକ୍ଟ ସମ୍ମୁଖ, ବ୍ରହ୍ମପୁର ଜିଲ୍ଲା, ଗଞ୍ଜାମ, ଓଡ଼ିଶାରେ ଅବସ୍ଥିତ ଜମିର ସମସ୍ତ ଭାଗ ଓ ଅଂଶବିଶେଷ, ଖାତା ସଂଖ୍ୟା ୪୪୨/୪୬୮୧ ସମ୍ବଳିତ, ପ୍ଲଟ୍ ନଂ.୮୪୪/୬୯୭୦, ବିଡିଏ ଅନୁମୋଦିତ ଲେ'ଆଉଟ୍ ପ୍ଲଟ୍ ନଂ.୯, କ୍ଷେତ୍ର ପରିମାପ ୧୮୦୦ ବର୍ଗଫୁଟ, (୪୫' X ୪୦') ନିର୍ମାଣ କ୍ଷେତ୍ର ୨୧୨୬.୬ ବର୍ଗଫୁଟ, (ଡୁପ୍ଲେକ୍ସ ଘର) ଭାୟା ବିଡିଏ ଅନୁମୋଦନ ପତ୍ର ନଂ.୫୦୮/୧୬.୦୨.୦୯ । **ଚଉହଦୀ:** ଉତ୍ତର: ସଡ଼କ, ଦକ୍ଷିଣ: ଅନୁମୋଦିତ ପ୍ଲଟ୍ ନଂ.୨୪, ପୂର୍ବ: ସଡ଼କ, ପଶ୍ଚିମ: ଅନୁମୋଦିତ ପ୍ଲଟ୍ ନଂ.୧୦ । | | | | | |
| ୨ | ୬୭୨୦ ୦୦୦୩ | ଇନ୍ଦିରା ଦାସ (ଋଣଗ୍ରହୀତା), ଲେନ୍ ୩ ୧୪୨, ସ୍ଥାନ ଆଚାର୍ଯ୍ୟ ବିହାର, ଭୁବନେଶ୍ୱର, ଭୁବନେଶ୍ୱର-୭୫୧୦୧୩ **ସନ୍ତୋଷ କୁମାର ପାଢ଼ୀ (ଜିପିଏ)** | ୦୧ ଅଗଷ୍ଟ, ୨୦୧୯ | ଟ. ୪୩,୧୧,୧୬୩/- | ୨୦ ନଭେମ୍ବର, ୨୦୨୧ | ଟ. ୪୫,୪୮,୩୬୩/- |
| | **ସମ୍ପତ୍ତିର ଅନୁସୂଚୀ:** ମୌଜା ଅମ୍ବାପୁଆ, ବିବେକ ବିହାର ବିଡିଏ ହାଉସିଂ ପ୍ରୋଜେକ୍ଟ ସମ୍ମୁଖ, ବ୍ରହ୍ମପୁର ଜିଲ୍ଲା, ଗଞ୍ଜାମ, ଓଡ଼ିଶାରେ ଅବସ୍ଥିତ ଜମିର ସମସ୍ତ ଭାଗ ଓ ଅଂଶବିଶେଷ, ଖାତା ସଂଖ୍ୟା ୪୪୨/୪୬୮୧ ସମ୍ବଳିତ, ପ୍ଲଟ୍ ନଂ.୮୪୪/୬୯୭୦, ବିଡିଏ ଅନୁମୋଦିତ ଲେ'ଆଉଟ୍ ପ୍ଲଟ୍ ନଂ.୨୪, କ୍ଷେତ୍ର ପରିମାପ ୧୮୦୦ ବର୍ଗଫୁଟ, (୪୫'' X ୪୦'') ନିର୍ମାଣ କ୍ଷେତ୍ର ୨୧୨୬.୬ ବର୍ଗଫୁଟ, (ଡୁପ୍ଲେକ୍ସ ଘର) ଭାୟା ବିଡିଏ ଅନୁମୋଦନ ପତ୍ର ନଂ.୫୦୮/୧୬.୦୨.୦୯ । **ଚଉହଦୀ:** ଉତ୍ତର: ଅନୁମୋଦିତ ପ୍ଲଟ୍ ନଂ. ୯, ଦକ୍ଷିଣ: ସଡ଼କ, ପୂର୍ବ: ସଡ଼କ, ପଶ୍ଚିମ: ଅନୁମୋଦିତ ପ୍ଲଟ୍ ନଂ. ୨୩ । | | | | | |

ତାରିଖ: ୨୦।୧୧।୨୦୨୧

**ସୁନ୍ଦରମ୍ ହୋମ୍ ଫାଇନାନ୍ସ ଲିଃ ପାଇଁ**
**ପ୍ରାଧିକୃତ ଅଧିକାରୀ**


# ବିଭିନ୍ନ ସମସ୍ୟା ନେଇ ତହସିଲଦାରଙ୍କୁ ଦାବିପତ୍ର



ଦାବିପତ୍ର ପ୍ରଦାନ କରାଯାଉଛି।

ପାରଳାଖେମୁଣ୍ଡି ୨୩।୧୧(ଡି.ଏନ୍.ଏ.)

ଗଜପତି ଜିଲା ଏସ୍‌ଇଏମ୍ ଓ ଗ୍ରାମୀଣ ଜଳ ଯୋଗାଣ କର୍ମଚାରୀ ମହାସଂଘ ପକ୍ଷରୁ ୮ ଦଫା ଦାବି ନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ମଙ୍ଗଳବାର ସ୍ଥାନୀୟ ତହସିଲଦାର କିଶୋର ଚନ୍ଦ୍ର ଦାଶଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଏସ୍‌ଇଏମ୍ ଓ ଜଳ ଯୋଗାଣ କର୍ମଚାରୀମାନେ ଭୁବନେଶ୍ୱରରେ ଧାରଣାରେ ବସିଛନ୍ତି। ଦାବି ପୂରଣ ପାଇଁ ଏହାକୁ ଗଜପତି ଜିଲାରେ ମଧ ସମର୍ଥନ କରି ପ୍ରତ୍ୟେକ ବ୍ଲକରେ ବିଡିଓ, ତହସିଲଦାର, ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି ।

# ଧାରଣା ଦେଲେ ଆଇନଜୀବୀ

## ଖାଉଟି ଅଦାଲତ ସଭାପତି, ସଭ୍ୟ ପଦ ପୂରଣ ଦାବି

ବ୍ରହ୍ମପୁର ଅଫିସ,୨୩।୧୧

ଜିଲା ଉପଭୋକ୍ତା ମୀମାଂସା ସମାଧାନ ଆୟୁକ୍ତ (ଜିଲା ଖାଉଟି ଅଦାଲତ)ରେ ଦୀର୍ଘ ଦିନ ଧରି ଖାଲି ପଡ଼ିଥିବା ସଭାପତି ଏବଂ ସଭ୍ୟ ପଦ ପୂରଣ ଦାବି ନେଇ ବହୁ ଆଇନଜୀବୀ ଧାରଣା ଦେଇଛନ୍ତି। ନେହରୁନଗର ନବମ ଲାଇନ୍ ସ୍ଥିତ ଜିଲା ଖାଉଟି ଅଦାଲତ ସମ୍ମୁଖରେ ବରିଷ୍ଠ ଆଇନଜୀବୀମାନେ ଧାରଣାରେ ସାମିଲ ହୋଇ ତୁରନ୍ତ ଦାବି ପୂରଣ କରିବାକୁ କହିଛନ୍ତି। ରାଜ୍ୟରେ ଥିବା ବିଭିନ୍ନ ଖାଉଟି ଅଦାଲତରେ ୨୬ଜଣ ସଭାପତି ଏବଂ ୪୨ ସଦସ୍ୟ ପଦବୀ ଖାଲି ରହିଛି। ଏପରିକି କଟକ ସ୍ଥିତ ରାଜ୍ୟ ଉପଭୋକ୍ତା କମିଶନ କାର୍ଯ୍ୟାଳୟରେ ୫ ପଦବୀ ମଧ୍ୟରୁ ୪ଟି ଖାଲି ପଡ଼ିଛି। ଡିସେମ୍ବର ଶେଷ ସୁଦ୍ଧା ବର୍ତ୍ତମାନ ସଭାପତି ଏବଂ ସଦସ୍ୟଙ୍କ କାର୍ଯ୍ୟକାଳ ଶେଷ ହୋଇଯିବ। ନୂତନ ନିଯୁକ୍ତି ପାଇଁ ବାରମ୍ବାର ବିଜ୍ଞପ୍ତି ପ୍ରକାଶ କଲେ ମଧ ଏହା ପୂରଣ ହୋଇପାରୁ ନାହିଁ। ନୂତନ ନିଯୁକ୍ତି ପାଇଁ ଦୀର୍ଘଦିନ ଧରି ସରକାରଙ୍କ ନିକଟରେ ଦାବି ହୋଇ ଆସୁଛି। କିନ୍ତୁ ଦାବି ପୂରଣ ହେଉ ନ ଥିବାରୁ ମଙ୍ଗଳବାର ଦୁଇଜଣ ବରିଷ୍ଠ ଆଇନଜୀବୀ ତଥା ପୂର୍ବତନ ସଭାପତି କୈଳାସ ଚନ୍ଦ୍ର ମିଶ୍ର ଓ ଶିବ ପ୍ରସାଦ ମିଶ୍ର ଖାଉଟି ଅଦାଲତ ଆଗରେ ଧାରଣା ଦେଇଛନ୍ତି। ଆଇନଜୀବୀ କପିଳେଶ୍ୱର ପଟ୍ଟନାୟକ, ସତୀଶ କୁମାର ପାଣିଗ୍ରାହୀ, ବଳଭଦ୍ର ରାଜଗୁରୁ, ଆଦିତ୍ୟ ନାୟକ, ବସନ୍ତ ପଟ୍ଟନାୟକ, ଅରୁଣ କୁମାର ମିଶ୍ର, ରମେଶ ଚନ୍ଦ୍ର ପାଣିଗ୍ରାହୀ ଓ ତ୍ରିପତି ପ୍ରସାଦ ମିଶ୍ର ପ୍ରମୁଖ ଧାରଣାରେ ସାମିଲ ହୋଇଛନ୍ତି।

# ଅବକାରୀ ଫ୍ଲାଇଂ ସ୍କ୍ୱାଡ୍‌ର ଚଢ଼ାଉ

ଆସିକା,୨୩।୧୧(ଡି.ଏନ୍.ଏ.)

ଗାଙ୍ଗପୁର ଥାନା ଅନ୍ତର୍ଗତ କେନ୍ଦୁପଦର ଛକରେ ଥିବା ଏକ ପରିତ୍ୟକ୍ତ ଗୃହରେ ମଙ୍ଗଳବାର କଟକସ୍ଥିତ ରାଜ୍ୟ ଅବକାରୀ ବିଭାଗ ଫ୍ଲାଇଂ ସ୍କ୍ୱାଡ୍ ପକ୍ଷରୁ ଚଢାଉ କରାଯାଇଥିଲା । ସେଠାରୁ ୩୫ ପେଟି ବିଦେଶୀ ମଦ ଜବତ କରାଯାଇଛି। ଜବତ ବିଅର ଓ ମଦର ଆନୁମାନିକ ମୂଲ୍ୟ ଦେଢ଼ ଲକ୍ଷ ଟଙ୍କା ହେବ କଟକ ଫ୍ଲାଇଂ ସ୍କ୍ୱାଡ୍‌ର ଅବକାରୀ ଅଧିକ୍ଷକ ଦେବାଷିଶ ପଟେଲ ସୂଚନା ଦେଇଛନ୍ତି। ଏହି କାରବାରରେ ଜଣଙ୍କୁ ଗିରଫ କରାଯାଇଛି । ସେ ହେଲେ କେନ୍ଦୁପଦର ଗ୍ରାମର ଶିବରାମ ଚୌଧୁରୀ । ଏ ସମ୍ପର୍କରେ କଟକ ଫ୍ଲାଇଂ ସ୍କ୍ୱାଡ କାର୍ଯ୍ୟାଳୟରେ ମାମଲା ରୁଜୁ କରାଯାଇଛି।

# ପୋଲିସକୁ ଦୁର୍ବ୍ୟବହାର, ଯୁବତୀଙ୍କ ବାପା, ଭାଇ ଅଟକ

## ପ୍ରେମିକ ଘର ଆଗରେ ଧାରଣା ଅବ୍ୟାହତ

ବ୍ରହ୍ମପୁର ଅଫିସ,୨୩।୧୧

ପ୍ରେମ ପରେ ପ୍ରତାରଣା ପାଇଥିବା ଜନୈକା ଯୁବତୀ ପ୍ରେମିକଙ୍କ ଘର ଆଗରେ ମଙ୍ଗଳବାର ମଧ ଧାରଣା ଜାରି ରଖିଛନ୍ତି। ପୋଲିସ ସିଆର୍‌ପିସି ଧାରା ୧୦୭ ଅନୁସାରେ ଧାରଣାରେ ବସିଥିବା ଯୁବତୀ ଓ ଅନ୍ୟମାନଙ୍କୁ ହଟିବା ପାଇଁ ନୋଟିସ ଜାରି କରିଥିଲା। ନୋଟିସ ଦେବାକୁ ଯାଇଥିବା ଜଣେ ମହିଳା ପୋଲିସ ଏସ୍‌ଆଇଙ୍କୁ ଯୁବତୀଙ୍କ ସମ୍ପର୍କୀୟ ଦୁର୍ବ୍ୟବହାର କରିଥିବା ଅଭିଯୋଗ ହୋଇଛି। ଏ ନେଇ ମହିଳା ଏସ୍‌ଆଇଙ୍କ ଅଭିଯୋଗକ୍ରମେ ପୋଲିସ ଯୁବତୀଙ୍କ ବାପା ଓ ଭାଇଙ୍କୁ ଉଠାଇ ନେଇ ଥାନାରେ ଅଟକ ରଖିଛି। ପ୍ରକାଶ ଯେ, ଛତ୍ରପୁରର ଯୁବତୀ ଓ ବ୍ରହ୍ମପୁରର ଜଣେ ଯୁବ ଡାକ୍ତରଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ଏପରିକି ଉଭୟେ ଗତବର୍ଷ କୋର୍ଟରେ ବିବାହ କରି ଏକାଠି ରହି ଆସୁଥିଲେ ବୋଲି ଯୁବତୀ ଜଣକ କହିଛନ୍ତି। ହେଲେ ଗତ କିଛି ମାସ ହେବ ସ୍ୱାମୀ, ଶାଶୂ ଓ ଶ୍ୱଶୁର ମିଶି ତାଙ୍କୁ ନିର୍ଯାତନା ଦେଇଥିଲେ। ଏ ନେଇ ଯୁବତୀ ଜଣଙ୍କ ବ୍ରହ୍ମପୁର ମହିଳା ଥାନାରେ ଅଭିଯୋଗ କରିଥିଲେ। ଏହାପରେ ଡାକ୍ତରଙ୍କ ପରିବାର ଲୋକେ ଯୁବତୀଙ୍କୁ ମାମଲା ଉଠାଇବାକୁ ମନାଇବା ସହ ବାହାଘର କରାଇବାକୁ ପ୍ରତିଶ୍ରୁତି ଦେଇଥିଲେ। ସୋମବାର ବାହାଘର ତାରିଖ ସ୍ଥିର ହୋଇଥିଲା। କିନ୍ତୁ ପ୍ରେମିକ ଡାକ୍ତରଙ୍କ ପରିବାର କୌଣସି ଆୟୋଜନ କରି ନ ଥିବାରୁ ଯୁବତୀ ଜଣକ ସେଠାରେ ଧାରଣା ଜାରି ରଖିଛନ୍ତି। ନ୍ୟାୟ ନ ମିଳିବା ପର୍ଯ୍ୟନ୍ତ ହଟିବେ ନାହିଁ ବୋଲି ଯୁବତୀ ଜଣକ କହିଛନ୍ତି। ପୋଲିସ ଘଟଣାସ୍ଥଳରେ ଜଗି ରହିଛି। ସମ୍ପୃକ୍ତ ଯୁବତୀଙ୍କ ମାମଲା କୋର୍ଟରେ ବିଚାରାଧୀନ ରହିଛି। ଏଣୁ ଏ ଦିଗରେ କୋର୍ଟ ନିଷ୍ପତ୍ତି ନେବେ ବୋଲି ପୋଲିସ କହିଛି।

# ତିନି ମାସ ପରେ ବନାଞ୍ଚଳରେ ୮ ହାତୀ

ବୁଗୁଡ଼ା,୨୩।୧୧(ଡି.ଏନ.ଏ.)

ବୁଗୁଡ଼ା ବନାଞ୍ଚଳରେ ପୁଣି ୮ ହାତୀ ପ୍ରବେଶ କରିଛନ୍ତି। ସୋମବାର ବିଳମ୍ବିତ ରାତିରେ ଖୋର୍ଦ୍ଧା ରେଞ୍ଜରୁ ଏହି ହାତୀ ପଲ ବୁଗୁଡ଼ା ରେଞ୍ଜରେ ପ୍ରବେଶ କରିଥିବା ଜଣାପଡିଛି। ଏହି ହାତୀ ପଲ ଏବେ କିରିଆମ୍ବା ସଂରକ୍ଷିତ ଜଙ୍ଗଲରେ ଥିବାବେଳେ ଏଥିରେ ୫ ମାଇ, ୨ ଛୁଆ ଓ ଗୋଟିଏ ଦନ୍ତା ଥିବା ବନ ବିଭାଗ ଅଧିକାରୀ ଫକୀର ଚରଣ ବେହେରା ସୂଚନା ଦେଇଛନ୍ତି। ଅପରପକ୍ଷରେ ପ୍ରାୟ ୩ ମାସ ପରେ ପୁଣି ବୁଗୁଡ଼ା ବନାଞ୍ଚଳରେ ହାତୀ ପଲ ପହଞ୍ଚି ଯାଇଥିବାରୁ ହାତୀଙ୍କ ଦାଉରୁ ଫସଲ ରକ୍ଷା କରିବା ପାଇଁ ବନ ବିଭାଗ ତୁରନ୍ତ ପଦକ୍ଷେପ ନେବାକୁ ଚାଷୀମାନେ ଦାବି କରିଛନ୍ତି। ହେଲେ ବନବିଭାଗ ପକ୍ଷରୁ ହାତୀପଲ ଗ୍ରାମାଞ୍ଚଳ ଅଭିମୁଖୀ ହେବା ଆଶଙ୍କାକୁ ଲକ୍ଷ୍ୟ ରଖି କର୍ମଚାରୀମାନେ ଜଙ୍ଗଲ ନିକଟବର୍ତ୍ତୀ ଗ୍ରାମରେ ସଚେତନ କରୁଥିବା ଜଣାପଡ଼ିଛି।

# ଏନ୍‌ଏସି କାର୍ଯ୍ୟାଳୟ ଘେରାଉ, ବିକ୍ଷୋଭ ପ୍ରଦର୍ଶନ

## ଇଓଙ୍କ ବିରୋଧରେ ତାତିଲେ କଂଗ୍ରେସ ନେତା, କର୍ମୀ

ଗଞ୍ଜାମ,୨୩।୧୧(ଡି.ଏନ.ଏ.)

ଗଞ୍ଜାମ ଏନ୍‌ଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ (ଇଓ) ରୋନିତ କୁମାର କଂଗ୍ରେସ ଦଳ ପ୍ରତି ଆପତ୍ତିଜନକ ମନ୍ତବ୍ୟ ଦେଇଥିବା ଅଭିଯୋଗ ହୋଇଛି ।ଳ ଏହା ପ୍ରତିବାଦରେ ମଙ୍ଗଳବାର ଉଭୟ ଗଞ୍ଜାମ ନଗର ଓ ବ୍ଲକ କଂଗ୍ରେସ ପକ୍ଷରୁ ଏନ୍‌ଏସି କାର୍ଯ୍ୟାଳୟରେ ହୋହାଲ୍ଲା କରାଯିବା ସହ ଜିଲା ପ୍ରଶାସନ ଓ ଦଳୀୟ ନେତୃବୃନ୍ଦଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଇଓଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ କଂଗ୍ରେସ ରାଜରାସ୍ତାକୁ ଓହ୍ଲାଇବାକୁ ବାଧହେବ ବୋଲି କଂଗ୍ରେସ ନେତାମାନେ ଚେତାବନୀ ଦେଇଛନ୍ତି। ଗତ ସୋମବାର ସନ୍ଧ୍ୟାରେ ବଡବଜାରର ଜଣେ ବ୍ୟବସାୟୀଙ୍କଠାରୁ ସାନିଟାଇଜରକୁ ନେଇ ଜରିମାନା ଆଦାୟ ବେଳେ ନଗର କଂଗ୍ରେସ ସମ୍ପାଦକ ଟୁନା ଶତପଥୀଙ୍କ ସହ ଇଓଙ୍କ ଯୁକ୍ତିତର୍କ ହୋଇଥିଲା। ପରେ ଇଓ କଂଗ୍ରେସ ଦଳ ବିରୋଧରେ ଆପତ୍ତିଜନକ କଥା କହିଥିଲେ ବୋଲି କଂଗ୍ରେସ ପକ୍ଷରୁ ଅଭିଯୋଗ ହୋଇଛି। ଏ ସମ୍ପର୍କରେ ଜିଲାପାଳ, ଏନଏସି ପ୍ରଶାସନିକ ଅଧିକାରୀ, ଜିଲାପାଳ, ଜିଲା ନଗର ଉନ୍ନୟନ ପ୍ରକଳ୍ପ ଅଧିକାରୀ, ରାଜ୍ୟ କଂଗ୍ରେସ ସଭାପତି ଓ ଜିଲା କଂଗ୍ରେସ ସଭାପତିଙ୍କୁ ପତ୍ର ମାଧ୍ୟମରେ ଜଣାଇଦିଆଯାଇଛି। ଛତ୍ରପୁର ନିର୍ବାଚନ ମଣ୍ଡଳୀ କଂଗ୍ରେସ ନେତା ଭାଗୀରଥି ବେହେରା, ବ୍ଲକ ସଭାପତି ଏନ.ଗଣେଶ ରେଡ୍ଡି, ବରିଷ୍ଠ ନେତା ନବକୃଷ୍ଣ ପଣ୍ଡା, ନଗର କଂଗ୍ରେସ ସମ୍ପାଦକ ଟୁନା ଶତପଥୀ, ଶ୍ରୀକାନ୍ତ ପଣ୍ଡା, ଅନ୍ୟପକ୍ଷରେ ଏ ନେଇ ଇଓଙ୍କ ପ୍ରତିକ୍ରିୟା ନେବାରେ ସେ ସେମିତି କିଛି କହି ନ ଥିବା ପ୍ରକାଶ କରିଛନ୍ତି।




